## ତହସିଲ କାର୍ଯ୍ୟାଳୟ ବଡମ୍ବା (କଟକ)

### ବିଜ୍ଞାପନ

ସଂଖ୍ୟା-୬୧୮୫ / ତା. ୨୨-୧୨-୨୦୨୨

---

**ଲଘୁଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ**

ଏତଦଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିଯେ, ଓଡିଶାସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବଡମ୍ବା ତହସିଲ ଅନ୍ତର୍ଗତ ଅନୁସୂଚୀ-୧ରେ ପ୍ରଦତ୍ତ ସୈରାତ ଉତ୍ସ (ନିଜିଗଡ ବଡ଼ମ୍ବା ପଥର ଖାଦାନ) କୁ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଲିଜ ରେ ଅଂଶ ଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ସୈରାତଉତ୍ସକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ଆବଶ୍ୟକ । ଲିଜ ନେବା ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେନାହିଁ ।

ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ (OMMC Rules-2016) ରେ ବର୍ଣ୍ଣିତ ଫର୍ମ-ଏମ (Form-M) ତିନିକୀତା ପୂରଣକରି ତତସହିତ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ **Registered Post / Speed Post ଜରିଆରେ ତହସିଲଦାର ବଡମ୍ବାଙ୍କ (ତହସିଲଦାର, ବଡମ୍ବା , ସା/ପୋ.ଅ./ଥାନା - ବଡମ୍ବା, ଜିଲ୍ଲା- କଟକ, ପିନ-୭୫୪୦୩୧) ଠିକଣାରେ** କିମ୍ବା ତହସିଲ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ TENDER DROP BOX ରେ ଆସନ୍ତା ତା- **୧୩.୦୧.୨୦୨୩** ରିଖ ଠାରୁ **୨୦.୦୧.୨୦୨୩** ରିଖ ମଧ୍ୟରେ ଅପରାହ୍ନ **୩.୦୦** ଘଟିକା ସୁଦ୍ଧା ଯେକୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । **ତା- ୨୦.୦୧.୨୦୨୩ ରିଖ ଅପରାହ୍ନ ୩.୦୦ ଘଟିକା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ଲଫାପାରେ ସୈରାତ ଉତ୍ସର ନାମ ଏବଂ ଦରଖାସ୍ତକାରୀଙ୍କ ନାମ, ଠିକଣା, ଫୋନ ନମ୍ବର ଲେଖାଥିବା ଆବଶ୍ୟକ ।** ଆବେଦନ କରାଯାଇଥିବା ଦରଖାସ୍ତ ଗୁଡିକୁ ତା-**୨୦.୦୧.୨୦୨୩** ରିଖ ଅପରାହ୍ନ **୦୩.୩୦** ଘଟିକା ସମୟରେ ବଡମ୍ବା ତହସିଲ କାର୍ଯ୍ୟାଳୟରେ ତନଖି କରାଯିବ । OMMC Rule-2016 ଏବଂ OMMC Rule-2022 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଂଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରିଦିଆଯିବ । ଯଦି ୧ ରୁ ଅଧିକ ଆବେଦନକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ, ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଉପରୋକ୍ତ ଦିବସରେ କୌଣସି କାରଣରୁ ନିଲାମ ନହୋଇପାରେ ତେବେ ତା- ୨୧.୦୧.୨୦୨୩ ରିଖ

ରୁ ତା-୩୧.୦୧.୨୦୨୩ ରିଖ ଅପରାହ୍ନ ୦୩.୦୦ ଘଟିକା ପର୍ଯ୍ୟନ୍ତ ପୁନର୍ବାର registered post / speed post / tender box ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା- ୩୧.୦୧.୨୦୨୩ ରିଖ ଅପରାହ୍ନ ୦୩.୩୦ ଘଟିକା ସମୟରେ ବଡମ୍ବା ତହସିଲ କାର୍ଯ୍ୟାଳୟରେ ଦରଖାସ୍ତ ଗୁଡିକୁ ତନଖି କରାଯାଇ ଲିଜ୍ ଧାରୀ ଚୟନ କରାଯିବ । ସେହିପରି ଯଦି ଉକ୍ତ ଦିନ ପୁନର୍ବାର ନିଲାମ ନହୋଇପାରେ ତେବେ ତା- ୦୧.୦୨.୨୦୨୩ ରିଖରୁ ତା- ୦୮.୦୨.୨୦୨୩ ରିଖ ଅପରାହ୍ନ ୦୩.୦୦ଘଟିକା ପର୍ଯ୍ୟନ୍ତ ପୁନର୍ବାର registered post / speed post / tender box ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା- ୦୮.୦୨.୨୦୨୩ ରିଖ ଅପରାହ୍ନ ୦୩.୩୦ ଘଟିକା ସମୟରେ ବଡମ୍ବା ତହସିଲ କାର୍ଯ୍ୟାଳୟରେ ଦରଖାସ୍ତ ଗୁଡିକୁ ତନଖି କରାଯାଇ ଲିଜ୍ ଧାରୀ ଚୟନ କରାଯିବ । ନିଲାମ ନିମନ୍ତେ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହିସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ "www.cuttack.nic.in" ର "TENDER" ଲିଙ୍କରେ ଉପଲବ୍ଧ ହେବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା , କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ କଟକଙ୍କର ରହିଅଛି ।

<u>ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ</u>

୧- OMMC Rules-2016 ରେ ପ୍ରଦତ୍ତ Form-M ନିର୍ଭୁଲଭାବେ ପୂରଣ କରି, ଦରଖାସ୍ତକାରୀଙ୍କ ସ୍ୱାକ୍ଷରଥାଇ ଦାଖଲ କରିବା ଆବଶ୍ୟକ ।

୨- ଦରଖାସ୍ତ ପାଉଣା ବାବଦକୁ ଟ. ୧,୦୦୦/- (ଏକ ହଜାର ଟଙ୍କା) ମାତ୍ର ଟ୍ରେଜେରୀ ଚାଲାଣ (Head of Account-0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties) ଦାଖଲ କରିବେ । ଏହି ଦରଖାସ୍ତ ବାବଦ ପାଉଣା ଫେରସ୍ତ କରାଯିବ ନାହିଁ ।

୩- ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ (Affidavit) ଦାଖଲ କରିବା ଆବଶ୍ୟକ ।

୪- ଅମାନତ ରାଶି ବା EMD (Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ ହିସାବରେ ଜମା କରିବେ (Demand Draft in favour of Tahasildar Baramba) । ଯାହାର ପରିମାଣ, ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ନିର୍ଦ୍ଧାରିତ ଅତିରିକ୍ତଦେୟ (Addl. Charge) ଓ ରୟାଲିଟିର ଶତକଡା ପାଞ୍ଚ (୫ %) ଭାଗ ତହସିଲଦାର ବଡମ୍ବାଙ୍କ ନାମରେ ଚଳବନ୍ଧକକୃତ ବା Bank Draft ଦାଖଲ କରିଥିବା ପ୍ରମାଣପତ୍ର ।

EMD = [MGQ X (Royalty + Additional Charge specified in the notice)] x 5%

୫- ବାର୍ଷିକ ଆୟ ଦର୍ଶାଇ ପୂର୍ବ ବର୍ଷର ଆୟକର ଦାଖଲ (Income Tax Return) ର ନକଲ ସଲଗ୍ନ କରିବେ ଯାହାର ସର୍ବନିମ୍ନ ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁଖଣିଜ ପଦାର୍ଥ (MGQ) ଅନୁସାରେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ (Additional Charge) ଓ ଅନୁସୁଚୀ-୧ ରେ ପ୍ରଦତ୍ତ ରୟାଲିଟି (Royalty) ଦେୟ ଠାରୁ କମ ହୋଇନଥିବ କିମ୍ବା ୧୮ ମାସ ପର୍ଯ୍ୟନ୍ତ ଅବଧି ଥିବା ବ୍ୟାଙ୍କ ପ୍ରତ୍ୟାଭୂତୀ (Bank Guarantee) ଯାହାର ସର୍ବନିମ୍ନ ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ

Tahasildar Baramba

ହୋଇଥିବା ଲଘୁଖଣିଜ ପଦାର୍ଥ (MGQ) ଅନୁସାରେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ (Additional Charge) ଓ ଅନୁସୂଚୀ-୧ ରେ ପ୍ରଦତ୍ତ ରୟାଲିଟି (Royalty) ଦେୟ ଠାରୁ କମ ହୋଇନଥିବ ଏବଂ ଏଥି ସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ ।

[Requisite Extent of Income Tax Return / Bank Guarantee = Minimum Guaranteed Quantity X (Offered Additional Charge + Royalty) ]

୬- ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ଚୌହଦୀର ସମ୍ପୂର୍ଣ ବିବରଣୀ ଓ ନକ୍ସା ।

୭- ପ୍ୟାନକାର୍ଡ / ପରିଚୟ ପତ୍ରର ନକଲ ସଂଲଗ୍ନ କରିବେ ।

୮- ଆବେଦନ କରୁଥିବା ଉତ୍ସକୁ, ଧାର୍ଯ୍ୟ ଅତିରିକ୍ତଦେୟ ତୁଳନାରେ, କେତେ ଅତିରିକ୍ତଦେୟରେ ନେବା ପାଇଁ ଚାହୁଁଛନ୍ତି ତାହା ଉଲ୍ଲେଖ କରିବେ ।

<u>ସର୍ତ୍ତାବଳୀ</u>

୧- ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୧୬ (OMMC Rules-2016) ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୨୨(OMMC Rules-2022 ) ର ପରିସର ଭୁକ୍ତ ରହିବେ ।

୨- ସର୍ବୋଚ୍ଚ ଅତିରିକ୍ତ ଦେୟ ଦରଜ କରିଥିବା ଆବେଦନକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଆବେଦନକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିବେ, ତେବେ ଲଟେରୀ ମାଧମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ

୩- ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ । ସୂଚନା ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ମନୋନୀତ ଆବେଦନ କାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ ସଙ୍ଗେ ସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ଓ ରୟାଲଟି ପରିମାଣର ଏକ ଚତୁର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟରୁ earnest money କୁ ବାଦଦେଇ ବଳକା ଥିବା ରାଶି ଜମା କରିବେ, ଯାହାକି ବିନା ସୁଧରେ ଅମାନତ ଆକାରରେ ରହିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି କିମ୍ବା ଉକ୍ତ ଅମାନତ ରାଶି ଜମା ନ କରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୪- Mining Plan ନିମନ୍ତେ ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ ଏବଂ ଓଡିଶା ଲଘୁଖଣିଜ ରିହାତି ଆଇନ -୨୦୧୬ (OMMC Rules-2016) ରେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ଖର୍ଚ୍ଚରେ ପ୍ରାଧୀକୃତ ଅଧିକାରୀଙ୍କ ଠାରୁ ପରିବେଷ ସ୍ୱଚ୍ଛତା ପ୍ରମାଣ ପତ୍ର (Environment Clearance Certificate) ହାସଲ କରି, ସୂଚୀରେ ଦର୍ଶାଯାଇଥିବା ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ ସହିତ ରୟାଲଟି ଓ ଅତିରିକ୍ତ ଦେୟର ସମଷ୍ଟିକୁ ଗୁଣନ କଲେ ଯେଉଁ ଅର୍ଥ ହେବ, ସେହି ଅନୁଯାୟୀ ସରକାରଙ୍କ ସମସ୍ତ ଦେୟ ଯଥା- Royalty, Additional Charge, Surface Rent, Dead Rent, DMF, EMF, GST, fees for compensatory afforestation etc. ଦାଖଲ

Tahasildar
Baramba

କରିବେ । ଉକ୍ତ ରାଶି ପୈଠ ହେଲା ପରେ, ଲିଜଧାରୀ ନିଜ ଖର୍ଚ୍ଚରେ ରେଜିଷ୍ଟ୍ରେସନ ଆଇନ ୧୯୦୮ ଓ ଷ୍ଟାମ୍ପ ଆଇନ୧୮୯୯ ଅନୁଯାୟୀ ଲିଜ ଚୁକ୍ତି ପତ୍ର (Lease Agreement) ସମ୍ପାଦନ କରିବେ ଓ ସୈରାତ ପରିଚାଳନା ପାଇଁ, Regional Officer, State Pollution Control Board ଙ୍କ ନିକଟରୁ "CONSENT TO OPERATE ORDER" ଆଣିବା ପାଇଁ ବାଧ୍ୟ ହେବେ, ନଚେତ ମନୋନୟନ ପତ୍ର ରଦ୍ଦ କରାଯିବା ସହିତ, ଅମାନତ ରାଶି (Security Deposit) ତଥା ଅନ୍ୟାନ୍ୟ ଜମା ବ୍ୟାଜ୍ୟାପ୍ତି କରାଯିବ । ଲିଜଧାରୀ ବିଜ୍ଞ୍ୟାପନ ଖର୍ଚ୍ଚ ବହନ କରିବେ ।

୫- ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଇସ୍ତାହାରରେ ଦର୍ଶିତ ଲଘୁ ଖଣିଜ ଖାଦାନ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ । ନିଲାମପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୬- ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁଦାୟୀ ରହିବେ ନାହିଁ

୭- ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ସମୟ କାଳ ଉଲ୍ଲେଖକରିବେ ଏସବୁକାର୍ଯ୍ୟ ଲିଜଧାରୀ ନିଜଖର୍ଚ୍ଚରେ କରିବେ ।

୮- ଲିଜଧାରୀ OMMC Rules -2016 ଓ OMMC Rules- 2022 ର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ପାଇଁ ବାଧ୍ୟ ହେବେ ।

୯- ବିଜ୍ଞ୍ୟାପନ ଜନିତ ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୦- କୌଣସି କାରଣ ନ ଦର୍ଶାଇ ନିଲାମ ପରିବର୍ତ୍ତନ ତଥା ବାତିଲ କରିବାର କ୍ଷମତା ଅଧିକାରୀ ଓ ଜିଲ୍ଲାପାଳ କଟକଙ୍କର ରହିଛି ।

୧୧- ନିଲାମ ନିମନ୍ତେ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ "www.cuttack.nic.in" ର "TENDER" ଲିଙ୍କରେ ଉପଲବ୍ଧ ହେବ ।

୧୨- ଯଦି ଉକ୍ତ ଇସ୍ତାହାରରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ବଡମ୍ବା

Tahasildar
Baramba

ଅନୁସୂଚୀ -୧

## ସୈରାତ ଉତ୍ସର ବିବରଣୀ

| କ୍ରମିକ ସଂଖ୍ୟା | ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା (ଏକରରେ) | କିସମ | ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ (MGQ) (ଘନ ମିଟରରେ) | ଲଘୁ ଖଣିଜ ପଦାର୍ଥର ଧାର୍ଯ୍ୟ ରୟାଲିଟି ପ୍ରତି ଘ .ମି. (Royalty) | ଧାର୍ଯ୍ୟ ଅତିରିକ୍ତ ଦେୟ ପ୍ରତି ଘ.ମି. (Addl. Charge) | ଅମାନତ ରାଶି (EMD) [MGQ X (Royalty + Addl. Charge)] [୨୦୨୦୩ X (୧୩୦ + ୧୪୦)] |
|---|---|---|---|---|---|---|---|---|---|---|
| ୧ | ନିଜିଗଡ-ବଡ଼ମ୍ବା ପଥର ଖାଦାନ | ନିଜିଗଡ-ବଡ଼ମ୍ବା | ୯୬୧ | ୨୧୫୮ | ଏ ୧୧.୭୫ (ଏ. ୨୪.୨୫ ରୁ) | ପାହାଡ଼ | ୨୦୨୦୩ (କୋଡିଏ ହଜାର ଦୁଇ ଶହ ତିନି) | ୧୩୦.୦୦ (ଏକ ଶହ ତିରିଶ) ଟଙ୍କା | ୧୪୦.୦୦ (ଏକ ଶହ ଚାଳିଶ) ଟଙ୍କା | ୨,୭୨,୭୪୧.୦୦ (ଦୁଇ ଲକ୍ଷ ବାସ୍ତରି ହଜାର ସାତ ଶହ ଏକଚାଳିଶ) ଟଙ୍କା |

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ବଡମ୍ବା
Tahasildar
Baramba

ପରି ପତ୍ର ସଂଖ୍ୟା ...୪୮୮୨...... / ତା...୨୬-୧୨-୨୦୨୨...

ଏକକିତା ନକଲ ଜିଲ୍ଲାପାଳ କଟକ / ଉପଜିଲ୍ଲାପାଳ ଆଠଗଡଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ବଡମ୍ବା
Tahasildar
Baramba

ପରିପତ୍ରସଂଖ୍ୟା ...୪୮୮୨..... / ତା...୨୬-୧୨-୨୦୨୨...

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡମ୍ବା / ତହସିଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ବଡମ୍ବା
Tahasildar
Baramba

# FORM – M
## Application for grant of Quarry Lease
[*See* rule 27(4)]

To

………………………………………………………………………………………………..

Dated the 20

Sir,

1. I/We submit an application for a quarry lease for…………..(mineral) for a term of ……………….. years over…………hectares of land in the area specified in the *Annexure* given below:-
2. A sum of Rs………. payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20…….. has been paid in the Government Treasury at…………and a receipted challan bearing No………. dated…….is enclosed.
3. The required particulars are given below:-
   i) An affidavit stating that no mining due payable under the Act and Rules made there under is outstanding against the applicant.
   ii) Where land belongs to private persons, consent of all such persons for grant of quarry lease.
   iii) Solvency certificate and list of immovable property from the Revenue Authority.
4. (i) Name and address of the applicant……………………………………………...
   (ii) Nationality of the applicant…………………………………………………....
   (iii) Profession of the applicant………………………………………………………
   (iv) Particulars of the areas, mineral wise, within the State for which the applicant or any person having joint interest with him………………………………………
   a) Already holds a quarry lease……………………………………………
   b) Has already applied for a quarry lease but not granted ………………………
   c) Being applied for simultaneously……………………………………..
   d) Nature of joint interest, if any……………………………………………
   (v) Means by which the minor minerals is/are to be raised, i.e. whether manual or mechanical......................
   (vi) Manner in which the minor mineral raised to be utilized-
   (a) For manufacture........................
   (b) For sale......................................
   (c) Any other purpose......................
   (vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date.......... Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.